## ପଞ୍ଚାମୃତ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

# ଓଡ଼ିଆ ଭାଷା ସାହିତ୍ୟ ବିଭାଗ

**ସଂପାନର ବିଷୟ : -**

**“ସାଂପ୍ରତିକ ଓଡ଼ିଆ ଗଳ୍ପରେ ମାନବେତର ଚରିତ୍ର”**



**ତା - ୦୩.୧୨.୨୦୧୯ ରିଖ**

**ମଙ୍ଗଳବାର**

# ବିବରଣୀ

ଅଦ୍ୟ ତା ୦୩.୧୨.୨୦୧୯ ରିଖ ମଙ୍ଗଳବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ସାଂପ୍ରତିକ ଓଡ଼ିଆ ଗଳ୍ପରେ ମାନବେତର ଚରିତ୍ର ଶିର୍ଷକ ଆଲୋଚନା ଚକ୍ର ବିଭାଗୀୟ ମୁଖ୍ୟ ପ୍ରାଧାପକ ଡକ୍ଟର ନୀଳମଣି ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଆଲୋଚକ ଭାବରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଗାଳ୍ପିକ ରତ୍ନାକର ନାୟକ ଯୋଗ ଦେଇଥିଲେ । ବରିଷ୍ଠ ପ୍ରାଧାପିକା ଡକ୍ଟର ପ୍ରେମଲତା ରାଉତ, ପ୍ରାଧାପକ ପ୍ରମୋଦ କୁମାର ସାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅଧାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ । ମାନବ ଠାରୁ ଇତର ପଶୁପକ୍ଷୀମାନେ କିଭଳି ସାଂପ୍ରତିକ ଗଳ୍ପ ଗୁଡିକରେ ସ୍ଥାନ ପାଇଛନ୍ତି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଛାତ୍ର ପ୍ରକାଶ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ନୀଳମଣି ଲେଙ୍କା
ବିଭାଗୀୟ ମୁଖ୍ୟ
୩.୧୨.୧୯

# ॥ ସାଂପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ମାନବେତର ଚରିତ୍ର ॥

-ଅଧ୍ୟାପକ ରତ୍ନାକର ନାୟକ

ସମଗ୍ର ଭାରତୀୟ ସାହିତ୍ୟରେ ମାନବେତର ଚରିତ୍ରମାନଙ୍କୁ ନେଇ ଅନେକ କାହାଣୀ ଓ ଗଳ୍ପମାନ ରଚନା କରାଯାଇଛି । ମାନବେତର ଚରିତ୍ରମାନଙ୍କ ମଧ୍ୟ ଦେଇ ଶିଳ୍ପୀ ଚେଷ୍ଟା କରିଛନ୍ତି ସମଗ୍ର ବିଶ୍ୱମାନସର ରହସ୍ୟକୁ ଉଦ୍‌ଘାଟନ କରିବା ପାଇଁ । ସେଥିପାଇଁ ବିଶ୍ୱର ପ୍ରତ୍ୟେକ ଲୋକକାହାଣୀରେ ମାନବେତର ଚରିତ୍ରମାନଙ୍କ ସହିତ ମଣିଷର କୁଟୁମ୍ବିକତା ସଂପର୍କକୁ ନେଇ ଅତି ସୁନ୍ଦର ଭାବେ କାହାଣୀମାନ ରଚନା କରାଯାଇଛି । ଏହି ଧାରାରେ ଆମର ପ୍ରାଚୀନ ସାହିତ୍ୟରେ ଜାତକଗଳ୍ପ, ପଞ୍ଚତନ୍ତ୍ର, ହିତୋପଦେଶ, ବୃହତ୍‌କଥାସାଗର କଥାମାଳାରେ ପଶୁପକ୍ଷୀମାନଙ୍କ ସଂପର୍କରେ ଚମତ୍କାର ବର୍ଣ୍ଣନା ଦେଖିବାକୁ ମିଳେ । ରାମାୟଣରେ ମଧ୍ୟ ପଶୁପକ୍ଷୀମାନଙ୍କ ଚିତ୍ରଣ ଅତୀବ ସୁନ୍ଦର ଭାବରେ ଲିଖିତ । ସର୍ବପରେ ବିଶ୍ୱ ସାହିତ୍ୟ ମଧ୍ୟ ପଶୁପକ୍ଷୀଙ୍କୁ ଚିତ୍ରଣ କରି ବେଶ୍ ସମୃଦ୍ଧ ହୋଇଛି ।

ଆଧୁନିକ ଯୁଗରେ ପ୍ରାଣୀଜଗତ ସହିତ ମଣିଷର ଆତ୍ମିକ ସଂପର୍କକୁ ଚମତ୍କାର ଭାବରେ ସମନ୍ୱିତ କରାଯାଇଛି । ଓଡ଼ିଆ ଲୋକଗଳ୍ପ, ବ୍ରତକଥା, ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ଦାଣ୍ଡୀ ରାମାୟଣରେ ପଶୁପକ୍ଷୀଙ୍କ ବର୍ଣ୍ଣନା ବେଶ୍ ହୃଦୟସ୍ପର୍ଶୀ । ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ' ଗ୍ରନ୍ଥରେ ପ୍ରାଣୀ ଚରିତ୍ରକୁ ବର୍ଣ୍ଣନା କରାଯାଇଛି ।

ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଫକୀର ମୋହନ 'ରାଣ୍ଡୀ ପୁଅ ଅନନ୍ତା' ଗଳ୍ପରେ ସୁବଳ ମହାକୁଡ଼ର ମଇଁଷିମାନଙ୍କ ସହିତ ସଂପର୍କ ଓ ଆତ୍ମୀୟତାକୁ ଚମତ୍କାର ଭାବରେ ବର୍ଣ୍ଣନା କରାଯାଇଛି । ସେହିପରି ଫକୀର ମୋହନଙ୍କ ପରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କେତେକ ଗଳ୍ପରେ ପ୍ରାଣୀ ଚରିତ୍ରମାନଙ୍କୁ ନେଇ ବହୁ ଗଳ୍ପମାନ ରଚନା କରିଛନ୍ତି । ତନ୍ମଧ୍ୟରୁ ତାଙ୍କର 'ମାଂସର ବିଳାପ' ଏ ଦୃଷ୍ଟିରୁ ଏକ ସାର୍ଥକ ସୃଷ୍ଟି ।

ଯା'ପରେ ପ୍ରଖ୍ୟାତ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ କେତେକ ଗଳ୍ପରେ ପ୍ରାଣୀ ଚରିତ୍ରକୁ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । 'ପକ୍ଷୀର କାକଳି' ମଣିଷର ଅନ୍ତରରେ କିପରି ଭାବାନ୍ତର ସୃଷ୍ଟି କରିଥାଏ; ତାର ଚିତ୍ର 'ନିର୍ମୁଳି ଲତାର ଫୁଲ' ଗଳ୍ପରେ ସାର୍ଥକ ଭାବରେ ଉଲ୍ଲେଖ କରାଯାଇଛି । ଗାଳ୍ପିକ କିଶୋରୀ ଚରଣ ଦାସ ମଧ୍ୟ ପ୍ରାଣୀ ଚରିତ୍ରକୁ ପ୍ରତୀକ ଭାବରେ ଗ୍ରହଣ କରି ବହୁ କାଳଜୟୀ ଗଳ୍ପମାନ ରଚନା କରିଛନ୍ତି । ତାଙ୍କର 'ଲକ୍ଷ ବିହଙ୍ଗ' 'ବନମୟୂର' 'ନାତି ଓ ମଣିଷ' ଆଦି ଗଳ୍ପରେ ଏହାର ଦୃଷ୍ଟାନ୍ତ ଉପଲବ୍ଧ ।

ଏତଦ୍‌ବ୍ୟତୀତ କଥାକାର ମନୋଜ ଦାସ ପ୍ରାଣୀଚିତ୍ରକଳ୍ପ ସାହାଯ୍ୟରେ ମଣିଷ ଜୀବନରେ ବହୁମୁଖୀ ଦିଗକୁ ବର୍ଣ୍ଣନା କରିଛନ୍ତି । ବିହଙ୍ଗ, ବିଲେଇ, ଅପହୃତ ଟୋପିର ରହସ୍ୟ, ମନୁଷ୍ୟ ମର୍କଟ ସମ୍ବାଦ,

ବାବୁଲପୁରର ଷଣ୍ଢ ଆଦି ଗଳ୍ପମାନଙ୍କରେ ରହସ୍ୟ ଗାଳ୍ପିକ ବିଭିନ୍ନ ପ୍ରାଣୀମାନଙ୍କୁ ବର୍ଣ୍ଣନା କରିବା ସହିତ ମଣିଷର ଚିରନ୍ତନ ସତ୍ୟକୁ ଉଦ୍‌ଘାଟନ କରିବା ପାଇଁ ସକ୍ଷମ ହୋଇପାରିଛନ୍ତି । ଗାଳ୍ପିକ ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପମାନଙ୍କରେ ପ୍ରାଣୀ ଚିତ୍ରକଳ୍ପର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ । 'କାଳକାଳସ୍ୟ କାରୁଣ୍ୟମ୍' ଅନ୍ଧାର ରାତିର ସୂର୍ଯ୍ୟ, ଗୋଟିଏ ମର୍କଟର ଆତ୍ମକାହାଣୀ, କାମପାଳ ବାବୁ, କାମିନୀ ଦେବୀ, କାମଧେନୁ ବୃତ୍ତାନ୍ତ, ବ୍ରହ୍ମାରଣ୍ୟେ, ସମୁଦ୍ର, ରାନୁଅପା ଠାରୁ ପୁଷି ପର୍ଯ୍ୟନ୍ତ, ବନ ଗହନର କାକଳି ଓ ବାଘର ବିଳାପ ଆଦି ତାଙ୍କର ଅମୂଲ୍ୟ କୃତିମାନ । ଆଲୋଚ୍ୟ ଗଳ୍ପମାନଙ୍କରେ ପଶୁପକ୍ଷୀମାନଙ୍କର ଚରିତ୍ର ମଧ୍ୟ ଦେଇ ମାନବିକ ନିରାଟ ସତ୍ୟକୁ ରୂପାୟିତ କରିଛନ୍ତି ।

ଏଯାବତ୍ ଓଡ଼ିଆ ଗଳ୍ପ ସାହିତ୍ୟରେ ମାନବେତର ଚରିତ୍ରମାନଙ୍କୁ ନେଇ ବହୁ ଗଳ୍ପମାନ ପରିଦୃଷ୍ଟ । ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକ 'ଝଡ଼ର ଇଗଲ' ଓ 'ଧରଣୀର କୃଷ୍ଣସାର', ରାଜକିଶୋର ପଟ୍ଟନାୟକଙ୍କ ଘାସ, ଯୁଗଧର୍ମ, ସୁଲତାନ, ପ୍ରତିଦିନ ଆଦି ରାଜକିଶୋର ରାୟଙ୍କର 'କଳିଙ୍ଗ ଶିଳ୍ପୀ', ବଉଳି ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଦୁର୍ବାର, ବସନ୍ତ କୁମାର ଶତପଥୀଙ୍କ କାଣୀଚିଆଁ, ଗୋଟିଏ ଆଳୁ, ବାଉଁଶ ଗଳି ଓ ନଙ୍ଗୁଳି, ନିତ୍ୟାନନ୍ଦ ଶତପଥୀଙ୍କ 'ଶ୍ୱାନ ଉପାଖ୍ୟାନ' ଭୁବନେଶ୍ୱର ବେହେରାଙ୍କ 'ନାଚେ ବେନୁଆ ନାଚେ' 'ଫରଫର୍ ଉଡେ ପଣତକାନି', ଗୋପୀନାଥ ମହାନ୍ତିଙ୍କ 'ଘାସ', ଚନ୍ଦ୍ର ଶେଖର ରଥଙ୍କ ଅଶ୍ୱାରୋହୀ, ପ୍ରଳୟ, 'ଚେର', ଅଚ୍ୟୁତାନନ୍ଦ ପତି 'ଅଶୁଭ ପୁତ୍ରର କାହାଣୀ' 'କଇଁ, ରତ୍ନାକର ନାୟକଙ୍କ 'କୁକୁର ପ୍ରତି ସାବଧାନ', 'ରବିପଣ୍ଡା' ଅନୁଭବ ଆଦି ପ୍ରମୁଖ ।

ଉତ୍ତର ପଚାଶ ପରେ ଓଡ଼ିଆ ଗଳ୍ପଧାରାରେ ମାନବେତର ଧର୍ମୀ ଗଳ୍ପଗୁଡ଼ିକ ମଧ୍ୟରେ କଥାକାରଗଣ ପ୍ରାଣୀଜଗତର ମାର୍ମିକ ଭାବଧାରା ମଧ୍ୟଦେଇ ମଣିଷର ଅନ୍ତର୍ନିହିତ ବ୍ୟକ୍ତିତ୍ୱକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିଛନ୍ତି । ଅତଏବ ମାନବେତର ଚରିତ୍ରମାନଙ୍କର ବହୁମୁଖୀ ଦିଗକୁ ନେଇ ସାଂପ୍ରତିକ କ୍ଷୁଦ୍ରଗଳ୍ପ ସମୃଦ୍ଧ ତଥା ଋଦ୍ଧିମନ୍ତ ହୋଇଛି; ଏହା ନିଃସନ୍ଦେହରେ ସ୍ୱୀକାର କରିବାକୁ ହେବ ।

ରତ୍ନାକର ନାୟକ

- ରତ୍ନାକର ନାୟକ

ତା ୩.୦୨.୨୦୦୯ .

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR

### ATTENDANCE SHEET

Dt. 03.12.2019

| Sl.No | Name of the Reader/Lecturer | Signature |
|---|---|---|
| 1 | Dr.Nilamani Lenka | Nilamani Lenka |
| 2 | Dr.Premalata Rout | Premalata Rout |
| 3 | Sri Pramod Kumar Swain | Pramod Kumar Swain |
| 4 | Smt.Laxmipriya Patra | Laxmipriya patra |
| 5 | Sri Ratnakar Nayak<br>Resource Person | Ratnakar Nayak |

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR

Dt-03.12.2019

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 01 | BA17-024 | Prakash Kumar Behera |
| 02 | BA-17-056 | Umakanta Dash |
| 03 | BA18-010 | Maneesha Jiban Dash |
| 04 | BA18-110 | Barsha Malik |
| 05 | BA18-045 | Mama Madhusmita Mallick |
| 06 | BA18-052 | Lopita Behera. |
| 07 | BA-18-065 | Swapna Rani Rout |
| 08 | BA-18-069 | Pranati Malik |
| 09 | BA19-083 | Sangita Mohanty |
| 10 | BA19-113 | minakshi malik |
| 11 | BA19-157 | Liza sethi |
| 12 | BA19-156 | Litu Sethi |
| 13 | BA19-168 | Barsha Mallick |
| 14 | BA-19-079 | prabina sahoo |
| 15 | BA-19-228 | Sreeshree Priyambada Dash |
| 16 | BA-19-127 | Namita Gerei |
| 17 | BA-19-034 | Prativa Das |

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR

Dt-13.12.2019

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 18 | BA-19-145 | Diptimayee Behera |
| 19 | BA19-092 | Priyadarsanee Panda |
| 20 | BA19-051 | Arpitarani Das |
| 21 | BA19-041 | Tejaswinimanaprava Tripathy. |
| 22 | BA19-040 | Tanushree Rout |
| 23 | BA18-057 | Urbasi Sethi |
| 24 | BA18-140 | Jyotshna Sethi |
| 25 | BA19-97 | Sikharani Das |
| 26 | BA18-87 | Rupashree Rout. |
| 27 | BA-18-150 | Urmila Tarai |
| 28 | BA-18-263 | Srusti prajna panda. |
| 29 | BA-18-217 | Monalisha Nayak |
| 30 | BA-19-052 | kamalini malick |
| 31 | BA-19-036 | Pranayasini Tripathy |
| 32 | BA-19-099 | Sovan mohanty. |
| 33 | BA-19-064 | Anima Sahoo |
| 34 | BA-18-190 | Baisakhai Sethi |

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR

Dt. 03.12.2019

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 35 | BA-18-244 | Snigdharani Rout |
| 36 | BA-19-049 | Srishree panda. |
| 37 | BA-19-032 | Rupali Parida |
| 38 | BA-19-084 | Karisma Samal |
| 39 | BA-19-054 | Surabhi Pradhan |
| 40 | BA-18-216 | Jyotishree Panda |
| 41 | BA-19-017 | Gitanjali Parida |
| 42 | BA-18-134 | Arpita Das |
| 43 | BA-18-160 | Barsharani mallik |
| 44 | BA-18-42 | Kamalini mallik |
| 45 | BA-18-39 | Priyanka Sahoo |
| 46 | BA-19-201 | Priyanka Das |
| 47 | BA-19-119 | Dipali rani Mallik |
| 48 | BA-19-118 | Sumitra Sethi |
| 49 | BA-19-239 | Sangita Ojha |
| 50 | BA-18-084 | Milu Mallik |
| 51 | BA-18-025 | Saraswati Rout |

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 52 | BA18-058 | Subhasmita Patra |
| 53 | BA17-081 | Amisha Sahu |
| 54 | BA17-071 | Rajeswari Singh |
| 56 | BA17-278 | Sasmita Padhy |
| 57 | BA18-068 | Subhadra Dash |
| 058 | BA18-041 | Sarojini Nath |
| 59 | BA18-021 | Jyoshna rani Sahoo |
| 60 | BA18-030 | Biswajit Dash |
| 61 | BA19-235 | Ranjita Behera |
| 62 | BA19-231 | Suchismita Jena |
| 63 | BA18-151 | Sugyan Malik |
| 64 | BA-18-082 | Jyotirmayee pareda |
| 65 | BA-18-080 | Rajalaxmi Rout |
| 66 | BA-18-015 | Laxmipriya Nayak |
| 67 | BA-17-134 | Jasmin Sethi |
| 68 | BA-17-150 | Rasmita Behera |
| 69 | BA-17-089 | Pragyansini Samal. |

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 70 | BA-17019 | Sini mahalik |
| 71 | BA-18-074 | Dibyasha Mallick |
| 72 | BA-18-062 | Geetanjali Kap |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |

**OFFICE OF THE PRINCIPAL**
**PATTAMUNDAI COLLEGE, PATTAMUNDAI**

NO 1594 DATE 30/11/19

To

Sri Ratnakar Nayak,
Lect. in Odia(HOD),
SSJ College, Rajnagar
Kendrapara.

Sub: - Invitation to attend the Seminar as Resource Person.

Sir,

Odia department of our college is going to organize an extra Mural seminar on the topic [illegible] on 03.12.2019, Tuesday at 10.00am in our college Auditorium.

Your kind presence is highly solicited.

Yours

30.11.19
Principal
Pattamundai College
Principal
Pattamundai College

30.11.19
HOD, Odia

Memo No. 1595 Dt. 30/11/2019

Copy the principal, SSJ College, Rajangar for kind information and necessary action.

30.11.19
Principal
Pattamundai College
Principal
Pattamundai College




ବାମରୁ ଡାହାଣ

ପ୍ରମୋଦ କୁମାର ସ୍ୱାଇଁ, ରତ୍ନାକର ନାୟକ, ନୀଳମଣି ବେହେରା, ପ୍ରେମଲତା ଧଳ, ଲକ୍ଷ୍ମୀପ୍ରିୟା ସାହୁ ।




ବିଭାଗାଧ୍ୟକ୍ଷ ମୁଖ୍ୟ ଡ. ନୀଳମଣି [illegible] ବକ୍ତବ୍ୟ ପ୍ରଦାନ




ଅଧ୍ୟାପକ ଚନ୍ଦ୍ରଶେଖର ମହାପାତ୍ରଙ୍କ ଅଭିଭାଷଣ



ଡ଼ଃ ପ୍ରେମଲତା ପଣ୍ଡାଙ୍କ ଅଭିଭାଷଣ



ଜଳାଞ୍ଜଳି ସ୍ମୃତି-ସ୍ମୃତି

ପ୍ରଗତିବାଦୀ

) ବୟସ-
ର ପ୍ରଧାନ,
ପୋଷ୍ଟ/
-ଗଞ୍ଜାମ,
ପତ୍ନିଙ୍କ
ରିଖରେ
ଘୋଷଣା
ଯ, ବିବାହ
ଲୀ ଜେନା,
ଗ୍ରାମ/
ଭଞ୍ଜନଗର
ଧାରକାର୍ଡ
୯୪ ରେ
ନ୍ତୁ ବିବାହ
ଅନୁସାରେ
ବଦଳରେ
। ଏଣୁ
ଅଛି ଯେ,
ପ୍ରଧାନ ମୁଁ
ଅଟେ।
ପ୍ରଧାନ

## ଓଡିଆ ବିଭାଗ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ, (ପିଏନଏସ): ପଟ୍ଟାମୁଣ୍ଡାଇ କଲେଜ ଓଡିଆ ସାହିତ୍ୟ ବିଭାଗ ପକ୍ଷରୁ ସାଂପ୍ରତିକ ଓଡିଆ ଗଳ୍ପରେ ମାନବେତର ଚରିତ୍ର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡିଆ ବିଭାଗ ମୁଖ୍ୟପ୍ରଧାପକ ଡ. ନୀଳମଣି ଲେଙ୍କାଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ରାଜନଗର କଲେଜ ଓଡିଆ ବିଭାଗ ମୁଖ୍ୟ ଗାଳ୍ପିକ ରତ୍ନାକର ନାୟକ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ଓଡିଆ ଗଳ୍ପ ଗୁଡିକରେ ବିଭିନ୍ନ ପଶୁପକ୍ଷୀ ଓ ସରୀସୃପ ପ୍ରସଙ୍ଗ ସ୍ଥାନ ପାଇଥିବା ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ପ୍ରଧାପିକା ଡ. ପ୍ରେମଲତା ରାଉତ ଗଳ୍ପରେ ମାଙ୍କଡ, କୁକୁର ପ୍ରଭୃତି ପ୍ରାଣୀମାନଙ୍କ ବର୍ଣ୍ଣନା ସମ୍ପର୍କରେ ଆଲୋଚନା କରିଥିଲେ । ଅଧାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥିପରିଚୟ ପ୍ରଦାନ କରିଥିଲେ । ଶେଷରେ ପ୍ରଧାପକ ପ୍ରମୋଦ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ୧୯୯୩ ବ୍ୟାଚର

Dt- 5.12.2019
Page-9, Thursday

ପ୍ରମେୟ
THE PRAMEYA

ଗୁରୁବାର, ୫ ଡିସେମ୍ବର ୨୦୧୯

କୁମାର ଦଣ୍ଡପାଟ, ମହଶ୍ୱେତା ସାମଲ, ସନ୍ଧ୍ୟାରାଣୀ ସାମଲ ନିଜ ସ୍କୁଲ ଜୀବନର ଅନୁଭୂତି ବଖାଣି ଥିଲେ । ପରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଓଡ଼ିଆ ବିଭାଗରେ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୪।୧୨(ଆପ୍ର): ପଟ୍ଟାମୁଣ୍ଡାଇ କଲେଜ ଓଡିଆ ସାହିତ୍ୟ ବିଭାଗ ପକ୍ଷରୁ ସାଂପ୍ରତିକ "ଓଡିଆ ଗଳ୍ପରେ ମାନବେତର ଚରିତ୍ର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡିଆ ବିଭାଗ ମୁଖ୍ୟ ପ୍ରଧ୍ୟାପକ ଡ. ନୀଳମଣି ଲେଙ୍କାଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ରାଜନଗର କଲେଜ ଓଡିଆ ବିଭାଗ ମୁଖ୍ୟ ଗାଳ୍ପିକ ରତ୍ନାକର ନାୟକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଓଡିଆ ଗଳ୍ପ ଗୁଡିକରେ ବିଭିନ୍ନ



ପଶୁପକ୍ଷୀ ଓ ସରୀସୃପ ପ୍ରସଙ୍ଗ ସ୍ଥାନ ପାଇଥିବା ସଂପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ପ୍ରାଧ୍ୟାପିକା ଡ. ପ୍ରେମଲତା ରାଉତ ଗଳ୍ପରେ ମାଙ୍କଡ, କୁକୁର ପ୍ରଭୃତି ପ୍ରାଣୀମାନଙ୍କ ବର୍ଣ୍ଣନା ସଂପର୍କରେ ଆଲୋଚନା କରିଥିଲେ । ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥିପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ପ୍ରକାଶ କୁମାର ବେହେରା, ବିଶ୍ୱଜିତ ଦାଶ, ଉମାକାନ୍ତ ଦାଶ, ଅମୀକ୍ଷା ସାହୁ, ସସ୍ମିତା ପାଢୀ, ରାଜେଶ୍ୱରୀ ସିଂହ, ମାମା ମଧୁସ୍ମିତା ମଲିକ ପ୍ରମୁଖ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ । ତନୁଶ୍ରୀ ରାଉତ ଓ ସୁଶ୍ରୀ ପ୍ରିୟମ୍ବଦା ଦାଶ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପ୍ରାଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।